# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 3 October - 2023

*********************************

# ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ

ବିଧାନସଭାରେ ଆଜି ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ । ୨୮ହଜାର ୨୦୦କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବିଧେୟକ ଉପରେ ଗୃହରେ ଆଲୋଚନା ହେବ ବୋଲି ଜଣାଯାଇଛି । ଚଳିତ ଅଧିବେଶନରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଚଳିତ ଆର୍ଥିକ ବର୍ଷ ପାଇଁ ୨୮ହଜାର ୨୦୦କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଗୃହରେ ଉପସ୍ଥାପନ କରିଥିଲେ ।

# ଅନୁରାଗ ସିଂହ ଠାକୁର - ଓଡ଼ିଶା ଗସ୍ତ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ଆଜି ସକାଳେ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିବେ । ମନ୍ତ୍ରୀ ଶ୍ରୀ ଠାକୁର ଭୁବନେଶ୍ୱର ଏବଂ କଟକଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ତାଙ୍କ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ କାର୍ଯ୍ୟକ୍ରମ ଗୁଡ଼ିକରେ ଯୋଗଦେବେ । ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ମନ୍ତ୍ରୀ ଶ୍ରୀ ଠାକୁର ଭାରତୀୟ ଜନତା ପାର୍ଟି - ବି.ଜେ.ପି. ରାଜ୍ୟ କାର୍ଯ୍ୟାଳୟ ଯାଇ ସେଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରିବେ । ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ 'ମେରୀ ମାଟି ମେରା ଦେଶ' କାର୍ଯ୍ୟକ୍ରମରେ

ଯୋଗଦେବେ । ଅପରାହ୍ଣରେ ମନ୍ତ୍ରୀ ଶ୍ରୀ ଠାକୁର ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଏକ ଦୈନିକ ସମ୍ବାଦପତ୍ର ସ୍ୱନକ୍ଷତ୍ର ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେବେ । ଏହାପରେ କଟକ ଆସି ଅନ୍ୟ ଏକ ସମ୍ବାଦପତ୍ରର ଶତବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ଗସ୍ତର ସମସ୍ତ କାର୍ଯ୍ୟକ୍ରମ ଶେଷକରିବା ପରେ ମନ୍ତ୍ରୀ ଶ୍ରୀ ଠାକୁର ଆଜି ସଂଧ୍ୟାରେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି ।

# ଧର୍ମେନ୍ଦ୍ର ପ୍ରଧାନ

ଦିବ୍ୟାଙ୍ଗ ପିଲାମାନେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥାନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ଦିବ୍ୟାଙ୍ଗଜନ ସ୍ୱାଭିମାନ ସମ୍ମାନ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଦିବ୍ୟାଙ୍ଗମାନେ ନବ ସୃଜନର ଅଧିକାରୀ । ସେ କହିଛନ୍ତି ଯେ ଅମୃତକାଳରେ ଏପରି ବ୍ୟବସ୍ଥା ତିଆରି କରିବାକୁ ହେବ ଯେଉଁଥିରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସମାନ ସୁଯୋଗ ଏବଂ ସ୍ୱାଭିମାନ ସହିତ ବଞ୍ଚିବାର ପଥ ପ୍ରଶସ୍ତ ହେବ । ଦିବ୍ୟାଙ୍ଗମାନଙ୍କୁ ସମାନ ଅଧିକାର ସହିତ ବଞ୍ଚିବାର ପରିବେଶ ସୃଷ୍ଟି କରିବା ଜରୁରୀ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ସାଇବର

ସାଇବର ଅପରାଧ ଓ ଡିଜିଟାଲ ଠକେଇ ଏକ ବଡ ସମସ୍ୟା ଦେଖାଦେଇଥିବାରୁ ଏହାକୁ ରୋକିବା ପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ

ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ତରଫରୁ ପଦକ୍ଷେପ ନିଆଯାଉଛି । ଯୁବପୀଢ଼ି ଏଥିରୁ ସୁରକ୍ଷିତ ରହିବା ସହ ସମାଜକୁ ସତର୍କ କରିବାର ଲକ୍ଷ୍ୟ ନେଇ ୟୁଜିସି ପକ୍ଷରୁ ସାଇବର ସିକ୍ୟୁରିଟି ପାଠ୍ୟକ୍ରମ ଆରମ୍ଭ କରାଯିବ । ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଠ୍ୟକ୍ରମରେ ଏହି ବିଷୟ ସାମିଲ କରିବା ଲାଗି ସିଲାବସ୍ ପ୍ରସ୍ତୁତ କରାଯାଇଛି । ବିଶ୍ୱବିଦ୍ୟାଳୟ ତଥା ଏହା ଅଧୀନରେ ଥିବା କଲେଜଗୁଡ଼ିକୁ ସାଇବର ସମ୍ପର୍କିତ ପାଠ୍ୟକ୍ରମ ତୁରନ୍ତ ଲାଗୁ କରିବା ଲାଗି ୟୁଜିସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ସ୍କୁଲ ରୂପାନ୍ତରଣ

ରାଜ୍ୟ ସରକାରଙ୍କ ଫାଇଵ୍-ଟି ହାଇସ୍କୁଲ ରୂପାନ୍ତରୀକରଣରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ସ୍କୁଲ ଲୋକାର୍ପଣ ପ୍ରକ୍ରିୟା ଡିସେମ୍ବର ସୁଦ୍ଧା ଶେଷ ହେବ । ଏହି ପର୍ଯ୍ୟାୟରେ ବ୍ଲକଗ୍ରାଣ୍ଟ ପାଇଥିବା ସ୍କୁଲ ସହିତ ୧୭ଶହରୁ ଅଧିକ ସ୍କୁଲକୁ ରୂପାନ୍ତରୀକରଣ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି । ପୂର୍ବରୁ ୩ଟି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ୬ହଜାର ଶହେ ୫୧ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପଣ କରିଛନ୍ତି ।

## ହବିଷ୍ୟାଳି

ପୁରୀରେ କାର୍ତ୍ତିକମାସରେ ହବିଷ୍ୟାଳି ଯୋଜନାରେ ଆଜିଠାରୁ ନାମ ପଞ୍ଜିକରଣ ଆରମ୍ଭ ହେବ । ଆଗ୍ରହୀ ମା'ମାନେ ନିଜନିଜର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମାଧ୍ୟମରେ କିମ୍ବା ଅନ୍‌ଲାଇନ୍ ଜରିଆରେ **edistrict.odisha.gov.in**ରେ ନାମ ପଞ୍ଜିକରଣ କରିପାରିବେ ।

ରାଜ୍ୟ ସରକାର ପୂର୍ବବର୍ଷ ଭଳି ହବିଷ୍ୟାଳି ଯୋଜନାରେ ଶ୍ରୀକ୍ଷେତ୍ର ପୁରୀକୁ ଆସୁଥିବା ବ୍ରତଧାରୀଙ୍କ ରହିବା, ମହାପ୍ରଭୁଙ୍କ ଦର୍ଶନ ତଥା ମହାପ୍ରସାଦ ସେବନର ବ୍ୟବସ୍ଥା କରୁଛନ୍ତି ।

## ଏସୀୟ କ୍ରୀଡ଼ା

ଚୀନ୍‌ର ହାଙ୍ଗ୍‌ଝୌ'ଠାରେ ଚାଲିଥିବା ଏସୀୟ କ୍ରୀଡ଼ାରେ କୃତୀତ୍ୱ ଅର୍ଜନ କରି ଦେଶକୁ ଫେରିଥିବା ଖେଳାଳିମାନଙ୍କୁ ନୂଆଦିଲ୍ଲୀରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂହ ଠାକୁର ସମ୍ବର୍ଦ୍ଧିତ କରିଛନ୍ତି । ଏସୀଆନ୍ ଗେମ୍‌ସ ସୁଟିଂ, ସେଲିଂ ଓ ଉସୁ ଏବଂ ଟେନିସ୍ କଣ୍ଟିଜେଣ୍ଟରୁ ଫେରିଥିବା ଖେଳାଳିମାନଙ୍କୁ ଗତକାଲି ମନ୍ତ୍ରୀ ଶ୍ରୀ ଠାକୁର ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କର ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଦେଶ ଗର୍ବିତ ବୋଲି କହିଛନ୍ତି ।

# ପାଣିପାଗ

ଦକ୍ଷିଣ ଝାଡ଼ଖଣ୍ଡ ଏବଂ ତା'ର ଆଖପାଖ ଅଞ୍ଚଳରେ ରହିଥିବା ଲଘୁଚାପ କ୍ଷେତ୍ର ଏବେ ଦକ୍ଷିଣ-ପଶ୍ଚିମ ଓ ଛତିଶଗଡ ଆଡକୁ ମୁହାଁଇ ଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗର ସୂଚନା ଅନୁସାରେ ବରଗଡ, ସମ୍ବଲପୁର, ସୁବର୍ଣ୍ଣପୁର, ଝାରସୁଗୁଡା, ଦେବଗଡ, ଅନୁଗୁଳ ସହିତ ଉପକୂଳ ଏବଂ ଅନ୍ୟକେତେକ ଜିଲ୍ଲାରେ ବର୍ଷା ଲାଗିରହିଛି । ସୂଚନା ଅନୁସାରେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ପ୍ରଭାବ ରହିବ ।

# ହ୍ୱାଟ୍‌ସଆପ୍ ଆକାଉଣ୍ଟ ନିଷିଦ୍ଧ

ସାମାଜିକ ଗଣମାଧ୍ୟମ ସେବା ଯୋଗାଉଥିବା ହ୍ୱାଟ୍‌ସଆପ୍ ସଂସ୍ଥା ଗତ ଅଗଷ୍ଟ ମାସରେ ୭୪ଲକ୍ଷ ୨୦ହଜାର ଏକାଉଣ୍ଟକୁ ନିଷିଦ୍ଧ କରିଛି ବୋଲି କମ୍ପାନୀ ତରଫରୁ କୁହାଯାଇଛି । ଜୁଲାଇମାସ ତୁଳନାରେ ଅଧିକା ୨ଲକ୍ଷ ହ୍ୱାଟ୍‌ସଆପ୍ ଏକାଉଣ୍ଟକୁ କମ୍ପାନୀ ନିଷିଦ୍ଧ କରିଛି । ଉତ୍ପୀଡନକୁ ରୋକିବା ଏବଂ ବ୍ୟବହାରକାରୀମାନଙ୍କୁ ସୁରକ୍ଷା ଦେବା ଲାଗି ଭାରତରେ ଏହି ସଂଖ୍ୟାର ହ୍ୱାଟ୍‌ସଆପ୍ ଏକାଉଣ୍ଟକୁ ନିଷିଦ୍ଧ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।